# Akashvani, Sambalpur

## SAMBALPURI NEWS EVENING BULLETIN

**12 July 2025- 7.02 pm- 7.12 pm.**

*********************************************

୧- ରାଷ୍ଟ୍ର ନିର୍ମାଣ ଦିଗେ ଆଜିରର୍ ଯୁଆନ୍ ପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛନ୍ କହେଲେ ପ୍ରଧାନମନ୍ତ୍ରୀ ।

- ୧୬ ନମ୍ବର୍ ରୋଜ୍‌ଗାର୍ ମେଳାଥି ୫୧ ହଜାର୍‌ନୁ ଅଏତ୍‌କା ଝନ୍‌କୁ ବାଂଟ୍‌ଲେ ନିଯୁକ୍ତି ପତ୍ର ।

୨- ନୂଆଦିଲ୍ଲୀ ନ ପ୍ରଧାନ୍‌ମନ୍ତ୍ରୀଙ୍କୁ ଭେଟିକରି ରାଜ୍ୟର୍ ବିକାଶ୍ ବାବ୍‌ଦେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ଇ-ଡିଷ୍ଟ୍ରିକ୍ଟ ସେବାର୍ ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୪- ରାଏଜେ ଘରୋଇ ବସ୍ ଚଲାଚଲ୍ ଆଏଜ୍‌ଠାନୁ ହେଲା ସ୍ୱାଭାବିକ୍ ।

ଆଉର୍

୫- ଘୂର୍ଣ୍ଣିବଳୟ ପ୍ରଭାବ୍‌ଥି ଆଏବା କାଏଲ୍‌ଠାନୁ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷାର୍ ସମ୍ଭାବନା ।

ରୋଜଗାର ମେଳା ଏନ୍‌ଏସ୍‌ଡି

ରାଷ୍ଟ୍ର ନିର୍ମାଣ ଦିଗେ ଆଝିରର୍ ଯୁଆନ୍ ପିଢ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛନ୍ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ନୂଆଦିଲ୍ଲୀଠାନେ ଆଭାସୀ ଜରିଏ ଆଏଜ୍ ଭିନ୍ ଭିନ୍ ମନ୍ତ୍ରଣାଳୟ ଆଉ ବିଭାଗର୍ ୫୧ ହଜାର୍‌ନୁ ଅଏତ୍‌କା ନୂଆ ନିଯୁକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ବାଂଟିକରି ପ୍ରଧାନମନ୍ତ୍ରୀ କହିଛନ୍, ରୋଜଗାର ମେଳା ଦେଶର୍ ଜୁଆନ୍ ପିଢ଼ିକେ ବର୍‌କସ୍ କର୍‌ବାର୍ ଦିଗେ ସରକାରଙ୍କର୍ ପ୍ରତିବଦ୍ଧତାକେ ଦର୍ଶଉଛେ । ରୋଜଗାର ମେଳା ଜରିଏ ଦେଶର ଲାଖ୍ ଲାଖ୍ ଜୁଆନ୍ ପିଲାଟୁକେଲ୍ ସ୍ଥାୟୀ ଚାକ୍‌ରି ପାଇଛନ୍ ଆଉ ଆଏଜ୍ ସେମାନେ ଦେଶ୍ ଗଠନ୍ ଦିଗେ ମୁଖିଆ ଭୂମିକା ନଉଛନ୍ ।

ପ୍ରଧାନମନ୍ତ୍ରୀ କହିଛନ୍, ଭାରତର୍ ଦୁଇଟା ବଡ଼ ଶକ୍ତି ହଉଛେ ଇତାର୍ ଜନସଂଖ୍ୟା ଆଉ ଗଣତନ୍ତ୍ର । ଦେଶେ ବିକଶିତ୍ ହଉଥିବା ଷ୍ଟାର୍ଟଅପ୍, ନୂଆସୃଜନ୍ ଆଉ ଗବେଷଣା ଉପ୍‌ରେ ଆଧାରିତ୍ ଇକୋସିଷ୍ଟମ୍ ଯୁଆନ୍ ପିଢ଼ିର୍ ଦକ୍ଷତା ବଢ଼ଉଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ । ସେନ୍ତା ଘରୋଇ କ୍ଷେତ୍ରଥି ଭିଲ୍ ଗୁର୍‌ଦୁଟେ ନିଯୁକ୍ତି ସୁଯୋଗ୍ ବନାବାର୍ ଲାଗି ପଦକ୍ଷେପ୍ ନିଆଯାଇଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ପ୍ରଧାନମନ୍ତ୍ରୀ)

ଭୁବନେଶ୍ୱର୍ ଆଉ ସମ୍ବଲପୁର ସହେତେ ଦେଶର ୪୭ଟା ଜାଗାନ ଆଏଜ୍ ୧୬ ନମ୍ବର ରୋଜଗାର ମେଳା

ହେଇଯାଇଛେ । ଏବ୍‌ତକ୍ ରୋଜଗାର ମେଲା ଜରିଏ ୧୦ ଲାଖ୍‌ନୁ ଅଏତ୍‌କା ଲୁକ୍‌କୁ ଥାଇ ଚାକ୍‌ରି ଦିଆଯାଇଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

ରାଜ୍ୟ ରୋଜ୍‌ଗାର୍ ମେଲା ପି.ଆଇ.ବି.

ରାଷ୍ଟ୍ରର୍ ବିକାଶ୍ ଦିଗେ ଯୁଆନ୍ ବର୍ଗଙ୍କର୍ ଅଏତ୍‌କା ଭାଗିଦାରୀ ସୁନିଶ୍ଚିତ୍ କର୍‌ବାର୍‌ଟା କେନ୍ଦ୍ର ସର୍‌କାର୍‌ଙ୍କର୍ ମୁଖ୍ୟ ଲକ୍ଷ୍ୟ ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଭୁବ୍‌ନେଶ୍ୱର୍ ରେଲ୍ ଅଡିଟୋରିୟମ୍ ଠାନେ ହେଇଥିବା ୧୬ ନମ୍ବର୍ ରାଷ୍ଟ୍ରୀୟ ରୋଜ୍‌ଗାର୍ ମେଲାଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍, ନିଯୁକ୍ତି ସୃଷ୍ଟି କର୍‌ବାର୍ ଦିଗେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରତିବଦ୍ଧତାକେ ଇ ରୋଜ୍‌ଗାର୍ ମେଲା ଦର୍ଶଉଛେ । ସର୍‌କାର୍‌ଙ୍କର୍ ସଫଲ୍ ନୀତି ଆଉ କଲ୍ୟାଣ୍‌କାରୀ ଯୋଜ୍‌ନା ଲାଗି ଦେଶର୍ ପାଖାପାଖି ୨୫ କୋଟି ଆଉ ଓଡ଼ିଶାର୍ ୧ କୋଟିନୁ ଅଏତ୍‌କା ଲୋକ୍ ଗରିବୀ ଭିତ୍‌ରୁ ବାହାରିକରି ବିକାଶ୍‌ଧାରାଥି ଜୁଡ଼ି ହେଇଛନ୍ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ନୂଆଁକରି ନିଯୁକ୍ତି ପାଇଥିବା ୨ ଶହ ୪ ଝନ୍‌କୁ ନିଯୁକ୍ତି ପତ୍ର ବାଂଟିଛନ୍ ।

ରୋଜ୍‌ଗାର୍ ମେଳା-ସମ୍ବଲପୁର     ସମ୍ବଲପୁର ସମ୍ବାଦଦାତା

ସେନ୍ତା ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଅଡ଼ିଟୋରିୟମ୍ ଠାନେ ରେଲ୍‌ବାଇ ତରଫ୍‌ରୁ ହେଇଥିବା ରୋଜ୍‌ଗାର୍ ମେଳାଥି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ୍ ଦେଇକରି ୪୫ ଝନ୍‌କୁ ନିଯୁକ୍ତି ପତ୍ର ବାଂଟିଛନ୍ । ଇଥି ରେଲ୍ ବିଭାଗ୍‌ଥି ୩୫ ଝନ୍ ଆଉ ଡାକ୍ ବିଭାଗ୍‌ଥି ୧୦ ଝନ୍ ନିଯୁକ୍ତି ପାଇଛନ୍ ।

ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ ସାକ୍ଷାତ୍     ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀଠାନେ ଆଏଜ୍ ଭେଟିକରି ରାଜ୍ୟର୍ ସାମଗ୍ରିକ୍ ବିକାଶ୍ ଆଉ ଭବିଷ୍ୟତ୍ କାମ୍‌କାଜ୍ ବାବ୍‌ଦେ ଆଲୋଚନା କରିଛନ୍ । କେନ୍ଦ୍ର ଆଉ ରାଜ୍ୟ ଭିତ୍‌ରେ ତାଲ୍‌ମେଲ୍ ରଖିକରି ସମୃଦ୍ଧ ଓଡ଼ିଶା, ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର ଦିଗେ କାମ୍ କର୍‌ବାର୍‌କେ ପ୍ରଧାନମନ୍ତ୍ରୀଙ୍କର୍ ସଙ୍ଗେ ଆଲୋଚନା କରିଥିଲେ ବଲି ମୁଖ୍ୟମନ୍ତ୍ରୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇଛନ୍ । ଓଡ଼ିଶାର୍ ବିକାଶ ଲାଗି ପ୍ରଧାନମନ୍ତ୍ରୀଙ୍କର୍

ପ୍ରେରଣା ଆଉ ଅତୁଟ୍ ସମର୍ଥନ୍ ଲାଗି କୃତଜ୍ଞତା ଜନେଇଥିଲେ ବଲି ଶ୍ରୀ ମାଝୀ କହିଛନ୍ ।

ରାଷ୍ଟ୍ରପତି ଗସ୍ତ ସୁରକ୍ଷା ବ୍ୟବସ୍ଥା ଆର୍ଏନ୍ୟୁ/ ସମ୍ବଲପୁର/ ଏକ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୧୪ ତାରିଖ୍ ସୋମବାର ଦିନ ଦୁଇଦିନିଆ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍ସରେ ରାଷ୍ଟ୍ରପତି ଭୁବନେଶ୍ୱର ଆଉ କଟକଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନେଇକରି କମିଶନରେଟ୍ ପୁଲିସ୍ ତର୍ଫୁ ପ୍ରସ୍ତୁତି ଶେଷ୍ ଖେପ୍କେ ପୁହୁଁଚିଛେ ବଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚ୍ନା ଦେଇଛନ୍ । ସେ କହିଛନ୍, ରାଷ୍ଟ୍ରପତିଙ୍କର୍ ସୁରକ୍ଷା ବ୍ୟବସ୍ଥାଥି ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ହେବେ । ଆଏବା କାଏଲ୍ କମିଶନରେଟ୍ ପୁଲିସ୍ ତର୍ଫୁ କାର୍କେଡ୍ ରିହର୍ସଲ୍ ମୁଲ୍ କରାଯିବା ବଲି ଶ୍ରୀ ମୀନା କହିଛନ୍ ।

ବାର୍ଡ୍ ଫ୍ଲୁ ପୁରୀ ସମ୍ବାଦଦାତା

ପୁରୀ ଜିଲ୍ଲା ଡେଲାଙ୍ଗ ଠାନେ ବାର୍ଡ୍‌ଫ୍ଲୁ ଚିହ୍ନଟ୍ ହେଇଛେ । ଖୋବ୍ ଜଲ୍‌ଦି ପ୍ରଶାସନ୍ ତର୍‌ଫୁ କୁକୁଡ଼ାମରା ପ୍ରକ୍ରିୟା ମୁଲ୍ ହେବା ବଲି ଜନାପଡ଼ିଛେ । ପୁରୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କର୍ ସୂଚ୍‌ନା ଅନ୍‌ସାରେ ଘଟ୍‌ନାସ୍ଥଲ୍‌କେ ୫ ଟା ଡାକ୍ତରୀ ଦଲ୍ ପୁହୁଁଚିକରି ଥିତି ଅନୁଧ୍ୟାନ୍ କର୍‌ବେ । ବାର୍ଡ୍‌ଫ୍ଲୁ ଠାବ୍ ହେଇଥିବା ଜିଲ୍ଲାର୍ ଡେଲାଙ୍ଗ ବଡ଼ଆଙ୍କୁଲା ନ ୩ ଟା ଫାର୍ମ ନ କୁକୁଡ଼ା ମରାଯିବା । ପୁଲିସ୍ ଆଉ ତହସିଲ୍‌ଦାର୍‌ଙ୍କର୍ ଉପସ୍ଥିତିଥି ସବୁପ୍ରକାର୍ କାର୍ଯ୍ୟାନୁଷ୍ଠାନ୍ କରାଯିବା ବଲି ସେ କହିଛନ୍ ।

ଇ-ଡିଷ୍ଟ୍ରିକ୍ଟ ସେବା ଶୁଭାରମ୍ଭ   ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ କମନ୍ ସର୍ଭିସ୍ ସେଂଟର୍ ସମାରୋହଥି ଯୋଗ୍ ଦେଇକରି ରାଏଜେ ସି.ଏସ୍.ସି. ଜରିଏ ଇ-ଡିଷ୍ଟ୍ରିକ୍ଟ ସେବାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଶ୍ରୀ ପ୍ରଧାନ୍ କହିଛନ୍, ଇତାର୍ ଜରିଏ ଗାଁ ଇଲାକାର୍ ଲୁକେ ଅନ୍‌ଲାଇନ୍‌ଥି ଭିନ୍ ଭିନ୍ ସର୍‌କାରୀ ଯୋଜ୍‌ନାର୍ ଲାଭ୍ ପାଏବାର୍ ସହେତେ ବେଙ୍କିଙ୍ଗ, ଆଧାର, ଶିକ୍ଷା, ଡିଜିଟାଲ୍ ସାକ୍ଷରତା, ଟେଲି ମେଡ଼ିସିନ୍ ବାଗିର୍

ବହୁତ୍‌ଟେ ସର୍‌କାରୀ ସେବା ପାଇପାରୁଛନ୍ । ଓଡ଼ିଶାର୍ ୩୦ ଟା ଜିଲ୍ଲା ନ ୩୫ ହଜାର୍‌ନୁ ଅଏତ୍‌କା ସିଏସ୍‌ସି ସକ୍ରିୟ ରହିକରି କେନ୍ଦ୍ର ସର୍‌କାର୍‌ଙ୍କର୍ ଡିଜିଟାଲ୍ ସଶକ୍ତିକରଣ୍ ବ୍ୟବସ୍ଥାକେ ଆଗ୍‌କେ ନଉଛନ୍ । ଗଲା ୧୧ ବଛର୍ ଭିତ୍‌ରେ ସିଏସ୍‌ସି ଜରିଏ ୪୫ ଲାଖ୍ କୋଟି ଟଙ୍କାର୍ କାର୍‌ବାର୍ ହେଇଛେ । ଇତାର୍‌ସହେତେ ଶାସନ୍ ବ୍ୟବସ୍ଥାନୁ ଦୁର୍ନୀତି ଦୂର୍ ହେଇକରି ବ୍ୟବସ୍ଥା ଫଟିକ୍ ହେଇପାରିଛେ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ଘରୋଇ ବସ୍ ଚଲାଚଲ୍ ସ୍ୱାଭାବିକ୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ଯାତ୍ରୀମାନ୍‌କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ଆଏଜ୍‌ଠାନୁ ରାଏଜେ ବସ୍ ଚଲାଚଲ୍ ସ୍ୱାଭାବିକ୍ ହେଇଥିବା ରାଜ୍ୟ ବସ୍ ମାଲିକ ସଂଘ ତର୍‌ଫୁ କୁହାଯାଇଛେ । ପୁରୀଠାନେ ଗଲାକାଏଲ୍ ହେଇଥିବା ସଂଘର୍ ବୈଠକ୍‌ର ନିଷ୍ପତି ଅନ୍‌ସାରେ ରାଜ୍ୟର୍ ପ୍ରମୁଖ ସହର୍ ମାନ୍‌କେ ବସ୍ ଚଲାଚଲ୍ କରୁଛେ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି            I&PR

ଆଏବା ୧୪ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କ୍ଷେପଣାସ୍ତ୍ର- 'ଅସ୍ତ୍ର'      ପି.ଆଇ.ବି.

ବାଲେଶ୍ୱର୍ ଜିଲ୍ଲା ଚାନ୍ଦିପୁର୍ କ୍ଷେପଣାସ୍ତ୍ର ପରୀକ୍ଷଣ୍ କେନ୍ଦ୍ର ଠାନେ ପ୍ରତିରକ୍ଷା ଗବେଷଣା ଉନ୍ନୟନ୍ ସଂସ୍ଥାନ୍ ଡିଆର୍‌ଡିଓ ଆଉ ଭାରତୀୟ ବାୟୁସେନାର୍ ମିଲିତ୍ ସହଯୋଗ୍‌ଥି ଆକାଶ୍‌ମାର୍ଗନୁ ଆକାଶ୍‌ମାର୍ଗକେ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର- 'ଅସ୍ତ୍ର' ର୍ ସଫଲ୍ ପରୀକ୍ଷଣ୍ କରାଯାଇଛେ । ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି ତିଆର୍ ହେଇଥିବା ଆଉ ରେଡ଼ିଓ ଫ୍ରିକ୍ୱ୍ୟେନ୍ସି ସିକର୍ ବ୍ୟବସ୍ଥିତ୍ ଇ କ୍ଷେପଣାସ୍ତ୍ରକେ ଏସ୍.ୟୁ- ୩୦ ଏମ୍.କେ.ଆଇ. ଯୁଦ୍ଧ ବିମାନ୍‌ନୁ ପରୀକ୍ଷଣ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅସ୍ତ୍ରର୍ ସଫଲ୍ ପରୀକ୍ଷଣ୍ ଲାଗି ଡିଆର୍‌ଡିଓ ଆଉ ଭାରତୀୟ ବାୟୁସେନାକେ ଶୁଭେଚ୍ଛା ଜନେଇଛନ୍ । ଇତାର୍ ସଫଲତା ଲାଗି ଓଡ଼ିଶାର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଏଗ୍ରିକଲ୍‌ଚର୍ ଲିଡ଼ର୍‌ସିପ୍ ପୁରସ୍କାର I&PR

ଜାତୀୟ ସ୍ତର୍‌ଥି ରାଜ୍ୟକେ ମିଲିଥିବା ଏଗ୍ରିକଲ୍‌ଚର୍ ଲିଡ଼ର୍‌ସିପ୍ ପୁରସ୍କାର୍‌କେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ଦେଇଛନ୍ । ଗଲା ୯ ତାରିଖ୍ ଦିନ ନୂଆଦିଲ୍ଲୀ ଠାନେ ହେଇଥିବା ଏଗ୍ରକଲ୍‌ଚର୍ ଲିଡ଼ର୍‌ସିପ୍ କନ୍‌କ୍ଲେଭ୍‌ଥି କୃଷି କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ଓଡ଼ିଶାକେ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ୍ କରାଯାଇଥିଲା । ପୁରସ୍କାର୍ ପାଇକରି ଓଡ଼ିଶା ଫିର୍‌ଲା ଉତ୍‌ରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆଏଜ୍ ରାଜ୍ୟପାଲ୍‌ଙ୍କୁ ଭେଟିକରି ପୁରସ୍କାର୍ ଦେଇଛନ୍ । ଇ ପୁରସ୍କାର୍ କୃଷି କ୍ଷେତ୍ରଥି ଆହୁରି ଉନ୍ନତି କର୍‌ବାର୍ ଦିଗେ ରାଜ୍ୟବାସୀଙ୍କୁ ପ୍ରେରଣା ଦେବା ବଲି ଶ୍ରୀ କମ୍ଭମ୍‌ପାଟି କହିଛନ୍ ।

ନବୀନ୍ ପଟ୍ଟନାୟକ୍ ସୁସ୍ଥ ଆର୍‌ଏନ୍‌ୟୁ/ କଟକ୍

ବିରୋଧୀ ଦଲ୍ ନେତା ଆଉ ବିଜେଡ଼ି ସଭାପତି ନବୀନ୍ ପଟ୍ଟନାୟକ୍ ମୁମ୍ବାଇର୍ ଗୁଟେ ଘରୋଇ ହସ୍ପିଟାଲ୍‌ନୁ ଚିକିତ୍ସା

ଉତ୍ରୁ ସୁସ୍ଥ ହେଇକରି ଆଏଜ୍ ଭୁବ୍ନେଶ୍ୱର୍ ଫିରିଛନ୍ । ସର୍ଭାଇକାଲ୍ ଆର୍ଥାରାଇଟିସ୍  ଥି ପିଡ଼ିତ ହେବାର୍ ଉତ୍ରୁ ଗଲାମାସର୍ ୨୦ ତାରିଖ୍ ତାଙ୍କୁ ଡାକ୍ତର୍ଖାନାଥି ଭର୍ତି କରାଯାଇଥିଲା ।

ପତ୍ର ମାଧ୍ୟମ ଶିକ୍ଷା ପାଠ୍ୟକ୍ରମ୍        ଆର୍ଏନ୍ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ପତ୍ର ମାଧ୍ୟମ ଶିକ୍ଷା ପାଠ୍ୟକ୍ରମ୍ ୨୦୨୫-୨୬ ବଛ୍ରେ ନାଁ ଲେଖାବାର୍ ଲାଗି ଆଏବା ସୋମ୍ବାର୍ ଠାନୁ ଆବେଦନ୍ ପ୍ରକ୍ରିୟା ମୁଲ୍ ହେବା । ଇ ବାବଦ୍ ସବୁ ତଥ୍ୟ ପରିଷଦ୍ର ୱେବ୍ସାଇଟ୍ଥି ମିଲିପାର୍ବା ।

ସ୍ୱତନ୍ତ୍ର ଓଟିଇଟି        କଟକ୍ ସମ୍ବାଦଦାତା

ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍କର୍ ଲାଗି ଆଏବା ୨୦ ତାରିଖ୍ ହେବାର୍କେ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଲାଗି ଆଏଜ୍ ଦିନର୍ ୧୦ ବଜେନୁ ଅନ୍ଲାଇନ୍ ଜରିଏ ଏଡ଼୍ମିଟ୍ କାର୍ଡ଼ ମିଲିପାରୁଛେ । ପରୀକ୍ଷାର୍ଥୀମାନେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ର ୱେବ୍ସାଇଟ୍ www.bseodisha.ac.in

ଥି ଏଡ୍‌ମିଟ୍‌କାର୍ଡ୍ ଡାଉନ୍‌ଲୋଡ୍ କରିପାର୍‌ବେ । ଇ ପରୀକ୍ଷା ରାଜ୍ୟର୍ ଶହେ ୯୩ ଟା କେନ୍ଦ୍ର ନ ହେବା ।

ବିଦ୍ୟୁତ୍‌ପ୍ରଭା ଦେବୀ- ଜନ୍ମ ଶତବାର୍ଷିକୀ I&PR

ରାଜ୍ୟ ସର୍‌କାର୍ ଆଉ ଓଡ଼ିଶା ସାହିତ୍ୟ ଏକାଡେମୀ ତର୍‌ଫୁ ସାରସ୍ୱତ ସାଧିକା ବିଦ୍ୟୁତ୍‌ପ୍ରଭା ଦେବୀଙ୍କର୍ ଜନ୍ମ ଶତବାର୍ଷିକୀ ପାଲନ୍ ମୁଲ୍ ହେଇଛେ । ଭୁବନେଶ୍ୱର୍ ରମାଦେବୀ ମହାବିଦ୍ୟାଳୟ ଠାନେ ହେଇଥିବା ଗୁଟେ ସମାରୋହଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ଶତବାର୍ଷିକୀ ପାଲନ୍‌କେ ଉଦ୍‌ଘାଟନ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଛତିଶ୍‌ଗଡ୍ ଆଉ ଇତାର୍ ପାଖର୍ ଇଲାକାନୁ ବନିଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଆଏବା କାଏଲ୍‌ଠାନୁ ରାଜ୍ୟର୍ କେତେଟା ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ସୁବର୍ଣ୍ଣପୁର୍,

ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର୍, ବର୍ଗଡ଼୍, ଦେବ୍ଗଡ଼୍ ସହେତେ ୨୪ ଟା ଜିଲ୍ଲା ନ ଜବର୍ ଧୁକା ସହେତେ ଚଡ଼୍କ୍ ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍    ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ ନ ଆଏଜ୍ ୧୪ ଟା ଗେଟ୍ ଦେଇକରି ବଏଢ଼୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍ନା ଅନ୍ସାରେ ଆଏଜ୍ ସଞ୍ଜ୍ବେଲର୍ ୬ ବଜେତକ୍ ଜଲ୍ଭଣ୍ଡାରକେ ଫି' ସେକେଣ୍ଡ୍ଥି ୨ ଲାଖ୍ ୮୫ ହଜାର୍ ୮ ଶହ ୭୮ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୨ ଲାଖ୍ ୪୧ ହଜାର୍ ୬ ଶହ ୪୪ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୬ ଦଶ୍ମିକ୍ ୬/ ୯ ଫୁଟ୍ ରହିଛେ ।